\imt **ରୂତ ପୁସ୍ତକ**

# Book of RUTH

**(Draft- 1 Team Checked and updated on 5.8.2016)**

**Disclaimer:** These are only drafts, hence should not be considered as materials ready for publication. Having said that, we request for feedback and suggestions from viewers/readers on these translations that will help us do justice to our translation work in the present day Odia language based on CANA principles of Bible translation. CANA stands for Clarity, Accuracy, Naturalness and Acceptability. Therefore, abiding by CANA principles, we will try our best to present NOBO Bible. Thanks for reading!!!

ଏ ସମସ୍ତ କେବଳ ପ୍ରାଥମିକ ଲେଖା, ତେଣୁ ଏହାକୁ ମୁଦ୍ରଣ ପାଇଁ ପ୍ରସ୍ତୁତ ବୋଲି ବିଚାର କରନ୍ତୁ ନାହିଁ । ଦ୍ୱିତୀୟରେ, ଆମ୍ଭେମାନେ ଏହାର ପାଠକ ମାନଙ୍କ ଠାରୁ ଏହି ଅନୁବାଦ ସମ୍ବନ୍ଧରେ ମତାମତ ଓ ପରାମର୍ଶ ପାଇବାକୁ ଆଶା କରୁଅଛୁ, ଯେପରି ଆମ୍ଭେମାନେ ବାଇବଲ୍ ଅନୁବାଦର CANA ନିୟମ ଅନୁସାରେ, ବର୍ତ୍ତମାନର ଓଡ଼ିଆ ଭାଷା ଅନୁସାରେ, ତାହାକୁ ସଂଶୋଧନ କରିବୁ । CANA ର ଅର୍ଥ, ସ୍ୱଷ୍ଟ (Clarity), ସଠିକତା (Accuracy), ପ୍ରାକୃତିକତା (Naturalness) ଏବଂ ଗ୍ରହଣୀୟତା (Acceptability) । ଆମ୍ଭେମାନେ ଏହି ସମସ୍ତ ଅନୁବାଦର ନିୟମକୁ ଆଧାର କରି ନବ ଓଡ଼ିଆ ବାଇବଲ୍ ଅନୁବାଦ ଉପସ୍ଥାପନ କରିବାକୁ ଚେଷ୍ଟା କରୁଅଛୁ । ଏହା ପଢ଼ିବା ନିମନ୍ତେ ଆପଣଙ୍କୁ ଧନ୍ୟବାଦ!!!

**CHAPTER 1**

\id RUT - ODIA OT
\h ରୂତ ପୁସ୍ତକ

\imt **ରୂତ ପୁସ୍ତକ**

\io1 **ଉପକ୍ରମ :** ଥରେ ଇସ୍ରାଏଲ ଦେଶରେ ଦୁର୍ଭିକ୍ଷ ହେବାରୁ ଏଲିମେଲକ ନାମକ ଜଣେ ଇସ୍ରାଏଲୀୟ ବ୍ୟକ୍ତି ନିଜର ପରିବାର ନେଇ ପଡ଼ୋଶୀ ମୋୟାବ ଦେଶକୁ ଯାଇ ବାସ କଲେ । ସେଠାରେ ସେ ଓ ତାହାଙ୍କର ଦୁଇ ପୁତ୍ର ମୃତ୍ୟୁ ବରଣ କଲେ । ଏହାପରେ ତାହାଙ୍କର ସ୍ତ୍ରୀ ନୟମୀ ନିଜର ଜଣେ ପୁତ୍ର ବଧୂଙ୍କ ସହିତ ପୁଣି ଥରେ ଇସ୍ରାଏଲ ଦେଶକୁ ଫେରି ଆସିଲେ । ସେହି ପୁତ୍ର ବଧୂ ଇସ୍ରାଏଲ ଲୋକମାନଙ୍କ ନିୟମ ଅନୁସାରେ ନିଜ ମୃତ ସ୍ୱାମୀର ବଂଶ ରକ୍ଷା କରିବା ନିମନ୍ତେ ତାଙ୍କ କୁଟୁମ୍ବର ବୋୟଜ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କଲେ ଓ ଏକ ପୁତ୍ର ଜନ୍ମ କରି ମୃତ ସ୍ୱାମୀଙ୍କ ବଂଶ ରକ୍ଷା କଲେ । ସେହି ପୁତ୍ର ସନ୍ତାନଙ୍କ ବଂଶରୁ ଦାଉଦ ନାମକ ଏକ ମହାରାଜା ଜନ୍ମ ହେଲେ । ସେହି ଘଟଣା ରୂତ ପୁସ୍ତକରେ ଉଲ୍ଲେଖ କରାଯାଇଛି । ପରବର୍ତ୍ତୀ ସମୟରେ ସେହି ଦାଉଦ ରାଜାଙ୍କ ବଂଶରୁ ଯୀଶୁ ଖ୍ରୀଷ୍ଟ ଜନ୍ମ ହେଲେ ।

\io **ଲେଖକ** - ଅଜଣା, ସମ୍ଭବତଃ ଶାମୂୟେଲ ।

\io1 **ସମୟ** - ବିଚାରକର୍ତ୍ତାମାନଙ୍କ ସମୟ, ସମ୍ଭବତଃ ଗିଦିୟନଙ୍କ ସମୟରେ, ଖ୍ରୀଷ୍ଟ ପୂର୍ବ ୧୩୭୫-୧୦୫୦ ମଧ୍ୟରେ ।

\io1 **ମୂଖ୍ୟପଦ** - ଏହା ଶୁଣି ରୂତ କାନ୍ଦି କାନ୍ଦି କହିଲେ, ତୁମ୍ଭକୁ ଛାଡ଼ି ମୋ ପିତାମାତାଙ୍କ ଗୃହକୁ ଫେରିଯିବା ପାଇଁ ମୋତେ କୁହ ନାହିଁ । ତୁମ୍ଭେ ଯେଉଁଠାକୁ ଯିବ, ମୁଁ ମଧ୍ୟ ସେଠାକୁ ଯିବି, ତୁମ୍ଭେ ଯେଉଁଠାରେ ରହିବ, ମୁଁ ମଧ୍ୟ ସେହିଠାରେ ରହିବି। ତୁମ୍ଭର ଲୋକମାନେ ମୋହର ଲୋକ ହେବେ, ପୁଣି ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ-୧: ୧୬ ।

\iot **ରୂପରେଖ**

\io1 ୧. ଏଲିମେଲକ ପରିବାର ସହ ମୋୟାବ ଦେଶକୁ ଗଲେ - ୧ ଅଧ୍ୟାୟ

\io1 ୨. ରୂତ ଶସ୍ୟ ସଂଗ୍ରହ କରିବାକୁ କ୍ଷେତକୁ ଗଲେ - ୨ ଅଧ୍ୟାୟ

\io1 ୩. ରୂତ, ବୋୟଜଙ୍କ ନିକଟକୁ ଗଲେ - ୩ ଅଧ୍ୟାୟ
\io1 ୪. ବୋୟଜ ରୂତଙ୍କୁ ବିବାହ କଲେ - ୪: ୧- ୧୨
\io1 ୫. ବୋୟଜଙ୍କର ବଂଶାବଳୀ - ୪: ୧୩-୨୧

---

\c 1
\ms ଏଲିମେଲକ ପରିବାର ସହ ମୋୟାବ ଦେଶକୁ ଗଲେ
\p \v 1 ଇସ୍ରାଏଲ ଦେଶରେ ବିଚାରକର୍ତ୍ତାମାନଙ୍କ ରାଜୁତି ସମୟରେ, ଥରେ ଅତିଶୟ ଦୁର୍ଭିକ୍ଷ ହେଲା। ତେଣୁ ଯିହୁଦା ପ୍ରଦେଶର ବେଥଲିହିମ ନଗରର ଜଣେ ଇଫ୍ରାଥୀୟ ଲୋକ ନିଜ ସ୍ତ୍ରୀ ଓ ଦୁଇ ପୁତ୍ରଙ୍କୁ ନେଇ ମୋୟାବ ଦେଶକୁ ଯାଇ ସେଠାରେ ବାସକଲେ।
\p \v 2 ସେହି ବ୍ୟକ୍ତିଙ୍କ ନାମ ଏଲିମେଲକ ଓ ତାହାଙ୍କ ସ୍ତ୍ରୀଙ୍କ ନାମ ନୟମୀ । ତାହାଙ୍କ ଦୁଇ ପୁତ୍ରଙ୍କ ନାମ ମହଲୋନ ଓ କିଲିୟୋନ। ସେମାନେ ମୋୟାବରେ ପହଞ୍ଚି ସେଠାରେ ବାସ କରିବାକୁ ଲାଗିଲେ ।
\p \v 3 କିଛି ଦିନ ପରେ ଏଲିମେଲକଙ୍କର ମୃତ୍ୟୁ ହେଲା ଓ ନୟମୀ ନିଜର ଦୁଇ ପୁତ୍ରଙ୍କ ସହିତ ସେଠାରେ ରହିଲେ ।
\p \v 4 ସେମାନେ ମୋୟାବ ଦେଶରେ ପ୍ରାୟ ଦଶ ବର୍ଷ ବାସକଲେ । ଆଉ ଏଲିମେଲକଙ୍କର ଦୁଇ ପୁତ୍ର ମୋୟାବ ଦେଶର ଝିଅମାନଙ୍କୁ ବିବାହ କଲେ । ସେହି ଦୁଇ ଝିଅମାନଙ୍କ ମଧ୍ୟରୁ ଜଣଙ୍କର ନାମ ଅର୍ପା ଓ ଅନ୍ୟ ଜଣଙ୍କର ନାମ ରୂତ ।
\p \v 5 ପୁଣି ନୟମୀଙ୍କ ଦୁଇ ପୁତ୍ର ମହଲୋନ ଓ କିଲିୟୋନଙ୍କର ମଧ୍ୟ ମୃତ୍ୟୁ ହେଲା । ଏହିପରି ନୟମୀ ନିଜର ସ୍ୱାମୀ ଓ ଦୁଇ ପୁତ୍ରଙ୍କୁ ହରାଇ ସେଠାରେ ରହିଲେ।
\p \v 6 କିଛି ଦିନ ପରେ, ନୟମୀ ମୋୟାବ ଦେଶରେ ଥାଇ ଶୁଣିଲେ ଯେ, ସଦାପ୍ରଭୁ ଯିହୁଦା ଦେଶରେ ଥିବା ନିଜ ଲୋକମାନଙ୍କ ଦୁଃଖ ଦେଖି ସେମାନଙ୍କୁ ସ୍ମରଣ କରି ଦେଶରୁ ଦୁର୍ଭିକ୍ଷ ଦୂର କରିଅଛନ୍ତି ଓ ଆହାର ଯୋଗାଇଅଛନ୍ତି ।
\p \v 7 ତେଣୁ, ନୟମୀ ଓ ତାହାଙ୍କର ଦୁଇ ପୁତ୍ରବଧୂ ମୋୟାବ ଦେଶ ଛାଡ଼ି ଯିହୁଦା ଦେଶକୁ ଫେରିଯିବାକୁ ଇଚ୍ଛାକରି ସେଥି ନିମନ୍ତେ ପ୍ରସ୍ତୁତ ହେଲେ। ସେମାନେ ମୋୟାବରୁ ବାହାରି ବେଥଲିହିମକୁ ଯିବା ନିମନ୍ତେ ଯାତ୍ରା ଆରମ୍ଭ କଲେ ଓ ଯିହୁଦା ଦେଶକୁ ଯାଇଥିବା ପଥରେ ପହଞ୍ଚିଲେ।
\p \v 8 ସେଠାରେ ନୟମୀ ନିଜର ଦୁଇ ପୁତ୍ରବଧୂଙ୍କୁ କହିଲେ, ହେ ମୋହର ଝିଅମାନେ, ତୁମ୍ଭେମାନେ ନିଜ ନିଜ ପିତାମାତାଙ୍କ ଗୃହକୁ ଫେରିଯାଅ । ପୁଣି ତୁମ୍ଭେମାନେ ତୁମ୍ଭମାନଙ୍କର ମୃତ ସ୍ୱାମୀମାନଙ୍କ ପ୍ରତି ଓ ମୋ ପ୍ରତି ଯେପ୍ରକାରେ ଦୟା ଦେଖାଇଅଛ, ସେ ଅନୁସାରେ ସଦାପ୍ରଭୁ ତୁମ୍ଭମାନଙ୍କୁ ପୁରସ୍କାର ଦିଅନ୍ତୁ । \v 9 ଆଉ, ତୁମ୍ଭେ ଦୁହେଁ ପୁଣି ଥରେ ବିବାହ କରି ନିଜ ନିଜ ସ୍ୱାମୀ ଗୃହରେ ଯେପରି ଭଲରେ ରହିପାରିବ, ସେଥି ନିମନ୍ତେ ସଦାପ୍ରଭୁ ତୁମ୍ଭମାନଙ୍କୁ ଦୟା କରନ୍ତୁ । ସେ ଏହା କହି ବିଦାୟ ଦେବା ନିମନ୍ତେ ସେମାନଙ୍କୁ ଚୁମ୍ବନ କଲେ ଓ ସେମାନେ ସମସ୍ତେ ଉଚ୍ଚ ସ୍ୱରରେ କ୍ରନ୍ଦନ କଲେ ।
\p \v 10 କିନ୍ତୁ ନୟମୀର ପୁତ୍ରବଧୂମାନେ ତାହାଙ୍କୁ କହିଲେ, ନାହିଁ, ଆମ୍ଭେମାନେ ନିଜ ନିଜର ପିତାମାତାଙ୍କ ଗୃହକୁ ଯିବୁ ନାହିଁ, ମାତ୍ର ତୁମ୍ଭ ସଙ୍ଗେ ତୁମ୍ଭ ଲୋକମାନଙ୍କ ନିକଟକୁ ଯିବୁ ।
\p \v 11 କିନ୍ତୁ, ନୟମୀ କହିଲେ, ହେ ମୋହର ଝିଅମାନେ, ତୁମ୍ଭେମାନେ ମୋ ସହିତ କାହିଁକି ଯିବ? ତୁମ୍ଭମାନଙ୍କୁ ବିବାହ କରିବା ପାଇଁ ମୁଁ କ'ଣ ଆଉ ପୁତ୍ରମାନଙ୍କୁ ଜନ୍ମ କରି ପାରେ? \v 12 ନାହିଁ, ମୋହର ଝିଅମାନେ, ତୁମ୍ଭେମାନେ ନିଜ ନିଜର ପିତାମାତାଙ୍କ ଗୃହକୁ ଫେରିଯାଅ । କାରଣ ମୋହର ଆଉ ବିବାହ କରିବାର ବୟସ ନାହିଁ । ପୁଣି, ମୁଁ ଯଦି ସନ୍ତାନ ଜନ୍ମ କରିବାକୁ ବିଶ୍ୱାସ କରି, ଆଜି ରାତ୍ରିରେ ବିବାହ କରେ ଓ ସନ୍ତାନ ଜନ୍ମକରେ, ତେବେ ମଧ୍ୟ ପ୍ରକୃତରେ ତୁମ୍ଭମାନଙ୍କର କ'ଣ ଲାଭ ହେବ? \v 13 ତୁମ୍ଭେମାନେ ଅନ୍ୟମାନଙ୍କୁ ବିବାହ ନ କରି ମୋହର ଜନ୍ମ କରିବା ପୁତ୍ରମାନେ ବୟସ ପ୍ରାପ୍ତ ହେବା ଯାଏଁ କଅଣ ଅପେକ୍ଷା କରି ରହି ପାରିବ? ହେ ମୋହର ଝିଅମାନେ, ସେପରି ମଧ୍ୟ ହୋଇ ପାରିବ ନାହିଁ । ପୁଣି ତୁମ୍ଭମାନଙ୍କଠାରୁ ମୋହର ଅବସ୍ଥା ଅଧିକ ମନ୍ଦ ହୋଇଅଛି, କାରଣ ସଦାପ୍ରଭୁଙ୍କର ହାତ ମୋ ବିରୁଦ୍ଧରେ ଉଠିଅଛି ।
\p \v 14 ଆଉ, ସେମାନେ ସମସ୍ତେ ପୁଣି ଥରେ ଉଚ୍ଚ ସ୍ୱରରେ କ୍ରନ୍ଦନ କଲେ । ପୁଣି ଅର୍ପା ନିଜ ଶାଶୁଙ୍କୁ ଚୁମ୍ବନ କରି ନିଜ ଗୃହକୁ ଚାଲିଗଲେ, ମାତ୍ର ରୂତ ନିଜ ଶାଶୁଙ୍କୁ ଧରି ରହିଲେ ।

\p \v 15 ଏହା ଦେଖି ନୟମୀ ରୂତଙ୍କୁ କହିଲେ, ଦେଖ, ମୋହର ଝିଅ, ତୋହର ଯାଆ, ଅର୍ପା ତାହାର ନିଜ ଲୋକମାନଙ୍କ ନିକଟକୁ ଓ ନିଜ ଦେବତାମାନଙ୍କ ନିକଟକୁ ଫେରିଗଲା, ତେଣୁ ତୁମ୍ଭେ ମଧ୍ୟ ଫେରିଯାଅ ।
\p \v 16 ଏହା ଶୁଣି ରୂତ କାନ୍ଦି କାନ୍ଦି କହିଲେ, ତୁମ୍ଭକୁ ଛାଡ଼ି ମୋ ପିତାମାତାଙ୍କ ଗୃହକୁ ଫେରିଯିବା ପାଇଁ ମୋତେ କୁହ ନାହିଁ । ତୁମ୍ଭେ ଯେଉଁଠାକୁ ଯିବ, ମୁଁ ମଧ୍ୟ ସେଠାକୁ ଯିବି, ତୁମ୍ଭେ ଯେଉଁଠାରେ ରହିବ, ମୁଁ ମଧ୍ୟ ସେହିଠାରେ ରହିବି। ତୁମ୍ଭର ଲୋକମାନେ ମୋହର ଲୋକ ହେବେ, ପୁଣି ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ । \v 17 ତୁମ୍ଭେ ଯେଉଁଠାରେ ମରିବ, ମୁଁ ମଧ୍ୟ ସେହିଠାରେ ମରିବି ଓ ସେହିଠାରେ ସମାଧି ପାଇବି । କେବଳ ମୃତ୍ୟୁ ଆମ୍ଭ ଦୁହିଁଙ୍କୁ ଅଲଗା କରୁ । ଯଦି ମୃତ୍ୟୁ ଛଡ଼ା ଅନ୍ୟ କୌଣସି ବିଷୟ ମୋତେ ତୁମ୍ଭଠାରୁ ଅଲଗା କରେ, ତେବେ ସଦାପ୍ରଭୁ ମୋତେ ଅତିଶୟ ଦଣ୍ଡ ଦିଅନ୍ତୁ ।
\p \v 18 ଏହି ରୂପେ ତାହାଙ୍କ ସହିତ ଯିବା ନିମନ୍ତେ ରୂତର ଦୃଢ଼ ନିଷ୍ପତି ଦେଖି ନୟମୀ ରୂତଙ୍କୁ କିଛି କହି ନ ପାରି ନୀରବ ରହିଲେ ।
\p \v 19 ଏଣୁ, ନୟମୀ ଓ ରୂତ ଦୁଇ ଜଣ ବେଥଲିହିମକୁ ଫେରିଲେ । ନୟମୀ ଫେରିବା ଖବର ସେହି ନଗର ସାରା ବ୍ୟାପିଗଲା, ପୁଣି ଏହା ଶୁଣି ନଗରର ସ୍ତ୍ରୀଲୋକମାନେ ନିଜ ନିଜ ମଧ୍ୟରେ କହିଲେ, ଏ କ'ଣ ସେହି ନୟମୀ?
\p \v 20 କିନ୍ତୁ ନୟମୀ ଅତ୍ୟନ୍ତ ଦୁଃଖରେ ସେମାନଙ୍କୁ କହିଲେ, ମୋତେ ଆଉ ନୟମୀ (ମଧୁର) ବୋଲି ନ ଡାକି ମାରା (ପିତା) ବୋଲି ଡାକ । କାରଣ ମୋ ଜୀବନ ସମ୍ପୂର୍ଣ୍ଣ ପିତାରେ ପୂର୍ଣ୍ଣ ହୋଇଅଛି । \v 21 ମୁଁ ପୂର୍ଣ୍ଣ ହୋଇ ଏହି ସ୍ଥାନରୁ ଯାଇଥିଲି, କିନ୍ତୁ ସଦାପ୍ରଭୁ ମୋତେ ଖାଲି ହାତରେ ଫେରାଇ ଆଣିଛନ୍ତି । ଯେବେ ସଦାପ୍ରଭୁଙ୍କ ଇଚ୍ଛାରେ ମୁଁ ଦୁଃଖ ଭୋଗ କରୁଅଛି, ପୁଣି ସର୍ବଶକ୍ତିମାନ ଈଶ୍ୱର ମୋ ଉପରକୁ ଏପରି ଦୁଃଖ ପଠାଇଅଛନ୍ତି, ତେବେ, ଏପରି ସମୟରେ ତୁମ୍ଭେମାନେ ମୋତେ ଆଉ ନୟମୀ ବୋଲି କାହିଁକି ଡାକୁଅଛ?
\p \v 22 ଏହି ରୂପେ ନୟମୀ ଓ ତାହାଙ୍କ ପୁତ୍ର ବଧୂ ରୂତ ମୋୟାବରୁ ବେଥଲିହିମକୁ ଫେରିଲେ । ଆଉ ସେହି ସମୟରେ ଯିହୁଦା ଦେଶରେ ଶସ୍ୟ ଅମଳ କରିବା ସମୟ ହୋଇଥିଲା ।

**CHAPTER 2**

\c 2

\ms **ରୂତ ଶସ୍ୟ ସଂଗ୍ରହ କରିବାକୁ କ୍ଷେତକୁ ଗଲେ**

\p \v 1 ନୟମିଙ୍କର ସ୍ୱାମୀ ଏଲିମେଲକଙ୍କ ବଂଶର ବୋୟଜ ନାମକ ଜଣେ ଧନୀ ଏବଂ ପ୍ରଭାବଶାଳୀ ବ୍ୟକ୍ତି ବେଥଲିହିମରେ ଥିଲେ ।
\p \v 2 ଦିନେ, ମୋୟାବ ଦେଶରୁ ଆସିଥିବା ରୂତ ନିଜ ଶାଶୁ ନୟମୀଙ୍କୁ କହିଲେ, ମୁଁ ଶସ୍ୟ ସାଉଁଣ୍ଟିବା ନିମନ୍ତେ କ୍ଷେତକୁ ଯାଉଅଛି । ଯେଉଁମାନେ ମୋତେ ଦୟା କରିବେ, ମୁଁ ସେମାନଙ୍କ କ୍ଷେତକୁ ଯାଇ, ଶସ୍ୟ କଟାଳିମାନଙ୍କ ପଛେ ପଛେ ଶସ୍ୟଶିଷାa ସାଉଁଣ୍ଟିବି । ତହିଁରେ ନୟମୀ ତାହାଙ୍କୁ କହିଲେ, ଏହା ତ ଭଲ କଥା, ତୁମ୍ଭେ ଯେପରି କହିଲ, ସେପରି କର ।
\p \v 3 ତେଣୁ, ରୂତ ଶସ୍ୟ କଟାଳିମାନଙ୍କ ପଛେ ପଛେ ଶିଷା ସାଉଁଣ୍ଟିବା ନିମନ୍ତେ ଗଲେ । ସେ ଯାଉ ଯାଉ ବୋୟଜଙ୍କ କ୍ଷେତରେ ପହଞ୍ଚିଲେ, ଯିଏ ରୂତଙ୍କର ନିଜ ଶଶୁର ଏଲିମେଲକଙ୍କ ବଂଶର ଲୋକ ଥିଲେ ।
\p \v 4 ଆଉ ଦେଖ, ରୂତ ସେଠାରେ ଶିଷା ସାଉଁଣ୍ଟୁଥିବା ବେଳେ, ବୋୟଜ ବେଥଲିହିମରୁ ଆସି ଶସ୍ୟ କଟାଳିମାନଙ୍କୁ ନମସ୍କାର କରି କହିଲେ, ସଦାପ୍ରଭୁ ତୁମ୍ଭମାନଙ୍କ ସହିତ ରୁହନ୍ତୁ । ଶସ୍ୟ କଟାଳିମାନେ ବୋୟଜଙ୍କୁ ଫେରି ନମସ୍କାର କରି କହିଲେ, ସଦାପ୍ରଭୁ ଆପଣଙ୍କୁ ମଧ୍ୟ ଆଶିର୍ବାଦ କରନ୍ତୁ ।
\p \v 5 ଏହାପରେ ରୂତଙ୍କୁ ଦେଖି ବୋୟଜ ଶସ୍ୟକଟାଳିମାନଙ୍କ ଦାୟୀତ୍ୱରେ ଥିବା ବ୍ୟକ୍ତିଙ୍କୁ ପଚାରିଲେ, ଏହି ଯୁବତୀ କିଏ ?
\p \v 6 ତହିଁରେ ଶସ୍ୟ କଟାଳିମାନଙ୍କ ଦାୟୀତ୍ୱରେ ଥିବା ବ୍ୟକ୍ତି ବୋୟଜଙ୍କୁ ଉତ୍ତର ଦେଇ କହିଲେ, ସେ ହେଉଛି ମୋୟାବ ଦେଶରୁ ନୟମୀଙ୍କ ସହିତ ଆସିଥିବା ତାହାଙ୍କ ପୁତ୍ରବଧୂ ରୂତ । \v 7 ଆଉ, ସେ ଆଜି ସକାଳେ ଆସି ମୋତେ ବିନତି କରି

କହିଲେ, ଅନୁଗ୍ରହ କରି ଶସ୍ୟ କଟାଳିମାନଙ୍କ ପଛେ ପଛେ ଯାଇ ତଳେ ପଡ଼ିଥିବା ଶସ୍ୟ ସାଉଁଣ୍ଟିବା ନିମନ୍ତେ ମୋତେ ଅନୁମତି
ଦିଅନ୍ତୁ । ତହିଁରେ ମୁଁ ତାହାଙ୍କୁ ଅନୁମତି ଦେଲି ଓ ସେ ସକାଳଠାରୁ ଏଯାଏଁ କୁଡ଼ିଆରେ ମାତ୍ର ଅଳ୍ପ ସମୟ ବିଶ୍ରାମ କରି
କ୍ଷେତରେ ରହି ଶସ୍ୟ ସାଉଁଣ୍ଟିବା ପାଇଁ ବହୁ ପରିଶ୍ରମ କରୁଅଛି।
\p \v 8 ଏହା ଶୁଣି ବୋୟଜ ରୂତଙ୍କ ନିକଟକୁ ଯାଇ କହିଲେ, ହେ ମୋହର କନ୍ୟା, ମୋହର କଥା ଶୁଣ, ତୁମେ ଶିଷା
ସାଉଣ୍ଟିବା ପାଇଁ ଅନ୍ୟ କୌଣସି କ୍ଷେତକୁ ଯାଅ ନାହିଁ । ମାତ୍ର ମୋହର ଏହି କ୍ଷେତରେ ମୋହର ଦାସୀମାନଙ୍କ ସହିତ ରହି
ଶସ୍ୟକଟାଳିମାନେ ଶସ୍ୟ କାଟିବା ସମୟରେ ସେମାନଙ୍କ ପଛେ ପଛେ ଯାଇ ଶିଷା ସଂଗ୍ରହ କର । \v 9 ଶସ୍ୟ କଟାଳିମାନେ
ଯେଉଁ ଆଡ଼କୁ ଶସ୍ୟ କାଟିବାକୁ ଯିବେ, ତୁମେ ତାହା ଦେଖ, ପୁଣି ମୋହର ଦାସୀମାନଙ୍କ ସହିତ ସେଠାକୁ ଯାଇ, ସେମାନଙ୍କ
ପଛେ ପଛେ ଶିଷା ସଂଗ୍ରହ କର । ମୁଁ ଏଠାରେ କାର୍ଯ୍ୟ କରୁଥିବା ଯୁବାମାନଙ୍କୁ ତୁମ ବିଷୟରେ ଆଜ୍ଞା ଦେଇଅଛି, ସେମାନେ
ତୁମକୁ ଛୁଇଁବେ ନାହିଁ । ତୁମକୁ ଶୋଷ ଲାଗିଲେ, ସେମାନେ ଯେଉଁ ମାଠିଆରୁ ପାଣି କାଢ଼ି ପିଉଛନ୍ତି, ତୁମେ ଯାଇ ସେହି
ମାଠିଆରୁ ପାଣି କାଢ଼ି ପିଅ ।
\p \v 10 ଏହା ଶୁଣି ରୂତ ତଳେ ପଡ଼ି ବୋୟଜଙ୍କୁ ପ୍ରଣାମ କରି କହିଲେ, ମୁଁ ବିଦେଶରୁ ଆସିଥିଲେ ମଧ୍ୟ ଆପଣ ମୋ ପ୍ରତି
କାହିଁକି ଏତେ ଦୟା ଦେଖାଉଛନ୍ତି?
\p \v 11 ବୋୟଜ ତାହାଙ୍କୁ କହିଲେ, ହେ ମୋହର କନ୍ୟା, ତୁମେ ତୁମ ସ୍ୱାମୀର ମୃତ୍ୟୁ ପରେ, ତୁମ ଶାଶୁ ପ୍ରତି ଯେପରି
ଉତ୍ତମ ବ୍ୟବହାର କରିଅଛ, ପୁଣି ପୂର୍ବରୁ ଏହି ସ୍ଥାନର ଲୋକମାନଙ୍କୁ ଜାଣି ନ ଥିଲେ ସୁଦ୍ଧା, ନିଜର ପିତାମାତା ଓ ଜନ୍ମସ୍ଥାନ
ଛାଡ଼ି ଯେରୂପେ ଏହି ସ୍ଥାନକୁ ଆସିଅଛ, ସେସମସ୍ତ କଥା ମୁଁ ଶୁଣିଅଛି । \v 12 ତୁମେ ଯାହା କରିଅଛ, ସେହି ସକଳ କର୍ମ
ନିମନ୍ତେ ସଦାପ୍ରଭୁ, ଇସ୍ରାଏଲର ପରମେଶ୍ୱର ତୁମକୁ ପ୍ରଚୁର ପୁରସ୍କାର ଦିଅନ୍ତୁ, ଯାହାଙ୍କ ବାହୁ ତଳେ ତୁମେ ଆଶ୍ରୟ ନେବାକୁ
ଆସିଅଛ ।
\p \v 13 ରୂତ ବୋୟଜଙ୍କୁ ଉତ୍ତର ଦେଇ କହିଲେ, ହେ ମୋହର ପ୍ରଭୁ, ଆପଣଙ୍କର ଅନୁଗ୍ରହ ମୋ ପ୍ରତି ସର୍ବଦା ଏପରି ଥାଉ
। ମୁଁ ଆପଣଙ୍କର ଦାସୀମାନଙ୍କ ମଧ୍ୟରୁ ଜଣକ ପରି ନ ହେଲେ ମଧ୍ୟ, ଆପଣ ମୋ ପ୍ରତି ଦୟା ଦେଖାଇ ମୋତେ ସାନ୍ତ୍ୱନାଜନକ
କଥା କହିଅଛନ୍ତି ।
\p \v 14 ଖାଇବା ସମୟରେ ବୋୟଜ ରୂତକୁ କହିଲେ, ହେ ମୋହର କନ୍ୟା, ତୁମେ ଏଠାକୁ ଆସି ଭୋଜନ କର, ତୁମର
ରୋଟୀ ଏହି ଦ୍ରାକ୍ଷାରସରେ ବୁଡ଼ାଇ ଖାଅ । ଏହା ଶୁଣି ରୂତ ଶସ୍ୟକଟାଳିମାନଙ୍କ ସହିତ ଭୋଜନରେ ବସିଲେ, ପୁଣି ବୋୟଜ
କିଛି ଭଜା ଶସ୍ୟ ଆଣି ରୂତଙ୍କୁ ଦେଲେ । ରୂତ ସେଥିରୁ ନିଜର ପେଟ ପୁରିବା ଯାଏଁ ଖାଇଲେ ଓ କିଛି ବଳକା ଖାଦ୍ୟ ନିଜ
ପାଖରେ ରଖିଲେ ।
\p \v 15 ଏହାପରେ, ରୂତ ପୁଣି ଥରେ ଶସ୍ୟ ସଂଗ୍ରହ କରିବାକୁ ଚାଲିଗଲେ । ଆଉ ବୋୟଜ ଶସ୍ୟକଟାଳିମାନଙ୍କୁ କହିଲେ,
ସେ ଯଦି ଶସ୍ୟ ବିଡ଼ା ଥିବା ସ୍ଥାନରେ ଶସ୍ୟ ସଂଗ୍ରହ କରେ, ତଥାପି ତାହାକୁ ମନା କରନାହିଁ । \v 16 ପୁଣି, ଶସ୍ୟ ବିଡ଼ାରୁ କିଛି
କିଛି ଟାଣି ତାହା ନିମନ୍ତେ ପକାଇଦିଅ, ସେ ତାହା ସଂଗ୍ରହ କରୁ, ତାହାକୁ କଷ୍ଟ ଦିଅ ନାହିଁ ।
\p \v 17 ତହିଁରେ ରୂତ ସନ୍ଧ୍ୟା ଯାଏଁ ଶସ୍ୟ ସଂଗ୍ରହ କଲେ, ପୁଣି ସନ୍ଧ୍ୟା ସମୟରେ ସେ ସଂଗ୍ରହ କରିଥିବା ଶସ୍ୟ ମଞ୍ଛିବାରୁ
ତାହା ଗୋଟିଏ ଟୋକେଇ ପୂର୍ଣ୍ଣ ହେଲା । \v 18 ପୁଣି ସେ ସେହି ଶସ୍ୟ ନେଇ ଘରକୁ ଫେରିଗଲେ ଓ ତାହା ନିଜ ଶାଶୁଙ୍କୁ
ଦେଖାଇଲେ । ପୁଣି ସେ ବୋୟଜ ଦେଇଥିବା ଭଜା ଶସ୍ୟ ଖାଇବା ପରେ ନିଜ ପାଖରେ ଯାହା ବଳକା ରଖିଥିଲେ, ତାହା
ବାହାର କରି ଶାଶୁଙ୍କୁ ଦେଲେ ।
\p \v 19 ତହିଁରେ ନୟମୀ ତାହାଙ୍କୁ ପଚାରିଲେ, ତୁମେ ଆଜି କେଉଁଠାରେ ଏତେ ଶସ୍ୟ ସଂଗ୍ରହ କଲ ? ଶସ୍ୟ ସଂଗ୍ରହ
କରିବାକୁ ତୁମେ କାହା କ୍ଷେତକୁ ଗଲ ? ଯିଏ ତୁମକୁ ସାହାଯ୍ୟ କଲା, ଈଶ୍ୱର ତାହାଙ୍କୁ ଆଶିର୍ବାଦ କରନ୍ତୁ । ଏହାପରେ ରୂତ
ଯାହାଙ୍କ କ୍ଷେତରେ ଶସ୍ୟ ସଂଗ୍ରହ କଲେ, ସେହି ବ୍ୟକ୍ତିଙ୍କ ବିଷୟରେ ନିଜ ଶାଶୁଙ୍କୁ କହିଲେ, ଆଜି ଯାହାଙ୍କ କ୍ଷେତରେ ମୁଁ ଶସ୍ୟ
ସାଂଉଁଣ୍ଟିଲି ସେହି ବ୍ୟକ୍ତିଙ୍କ ନାମ ବୋୟଜ ।

\p \v 20 ଏହା ଶୁଣି ନୟମୀ ତାହାଙ୍କୁ କହିଲେ, ପରମେଶ୍ୱର ସେହି ବ୍ୟକ୍ତିଙ୍କୁ ଆଶିର୍ବାଦ କରନ୍ତୁ । ସେ ଆମ୍ଭମାନଙ୍କୁ ତଥା ତୁମର ମୃତ ସ୍ୱାମୀ ପ୍ରତି ମଧ୍ୟ ଦୟା ଦେଖାଇଛନ୍ତି । ସେହି ବ୍ୟକ୍ତି ଆମ୍ଭ କୁଟୁମ୍ବର ନିକଟ ଲୋକ, ସେ ଆମ୍ଭ ବଂଶକୁ ରକ୍ଷା କରିବା ବ୍ୟକ୍ତି ଅଟନ୍ତି ।
\p \v 21 ପୁଣି ରୂତ ନିଜ ଶାଶୁଙ୍କୁ କହିଲେ, ସେହି ବ୍ୟକ୍ତି ମୋତେ କହିଲେ, ତୁମେ ଆଉ କାହାର କ୍ଷେତକୁ ଯାଅ ନାହିଁ, ମାତ୍ର ମୋହର କ୍ଷେତରେ କାମ କରୁଥିବା ମୋହର ଦାସୀମାନଙ୍କ ସହିତ ରହି ଶସ୍ୟ ଅମଳ ଶେଷ ହେବା ପର୍ଯ୍ୟନ୍ତ ଶସ୍ୟ ସଂଗ୍ରହ କର ।
\p \v 22 ଏଥିରେ ନୟମୀ ଖୁସି ହୋଇ ରୂତଙ୍କୁ କହିଲେ, ହେ ମୋହର ଝିଅ, ଏହା ତ ଭଲ କଥା, ସେ ଯେପରି କହିଲେ, ସେପରି କର । ଆଉ ତୁମେ ଗହମ ଅମଳ ଶେଷ ହେବା ପର୍ଯ୍ୟନ୍ତ ବୋୟଜର ଦାସୀମାନଙ୍କ ସହିତ ରହି ଶସ୍ୟ ସଂଗ୍ରହ କର । ଅନ୍ୟ କାହାର କ୍ଷେତକୁ ଗଲେ, ସେଠାରେ ଲୋକମାନେ ତୁମକୁ ଅପମାନ କରି ପାରନ୍ତି, କିନ୍ତୁ ବୋୟଜଙ୍କ କ୍ଷେତରେ ତୁମର କିଛି ଅସୁବିଧା ହେବ ନାହିଁ ।
\p \v 23 ଏଣୁ, ରୂତ ଶସ୍ୟ ଅମଳ ଶେଷ ହେବା ଯାଏଁ ବୋୟଜର ଦାସୀମାନଙ୍କ ସହିତ ରହି ତାହାର କ୍ଷେତରେ ଯବ ସଂଗ୍ରହ କଲେ । ଏହା ସହିତ ପରବର୍ତ୍ତୀ ଗହମ ଅମଳ ଆରମ୍ଭ ହେବା ପର୍ଯ୍ୟନ୍ତ ତାହାଙ୍କ କ୍ଷେତକୁ ଯାଇ ସେଠାରେ ଗହମ ସଂଗ୍ରହ କଲେ, ପୁଣି ସେ ନିଜର ଶାଶୁ ନୟମୀଙ୍କ ସହିତ ବାସକଲେ ।

## CHAPTER 3

\c 3

\ms **ରୂତ, ବୋୟଜଙ୍କ ନିକଟକୁ ଗଲେ**

\p \v 1 ଦିନେ, ନୟମୀ ରୂତଙ୍କୁ କହିଲେ, ହେ ମୋହର ଝିଅ, ଯେଉଁଠାରେ ତୁମେ ସବୁଦିନ ସୁରକ୍ଷିତ ରହିପାରିବ, ସେପରି
ଏକ ସ୍ଥାୟୀ ଗୃହ ତୁମ ନିମନ୍ତେ ଖୋଜିବାକୁ ମୁଁ କଅଣ ଚେଷ୍ଟା କରିବି ନାହିଁ ? \v 2 ଯେଉଁ ବୋୟଜ ତାହାଙ୍କ ଶସ୍ୟ କ୍ଷେତ୍ରରେ
ନିଜର ଦାସୀମାନଙ୍କ ସହିତ ଶସ୍ୟ ସଂଗ୍ରହ କରିବାକୁ ତୁମକୁ ଦୟା ଦେଖାଇଛନ୍ତି, ସେ ଆମ୍ଭ ପରିବାରର ନିକଟ କୁଟୁମ୍ବଲୋକ ।
ଦେଖ, ଆଜି ରାତ୍ରିରେ ସେ ଯବ ଝାଡ଼ିବା ପାଇଁ ନିଜ ଶସ୍ୟ ଖଳାରେ ରହିବେ । \v 3 ଏଣୁ, ଏବେ ମୁଁ ତୁମକୁ ଯାହା କହୁଅଛି,
ସେପରି କର । ଯାଅ, ଉତ୍ତମ ରୂପେ ସ୍ନାନ କର, ପୁଣି ତୈଳ ଲଗାଅ, ଆଉ ତୁମର ସବୁଠାରୁ ଭଲ ବସ୍ତ୍ର ପିନ୍ଧ ଓ ଅତର ଲଗାଇ
ତାହାଙ୍କ ଖଳାକୁ ଯାଅ । ବୋୟଜ ଭୋଜନପାନ ଶେଷ ନ କରିବା ପର୍ଯ୍ୟନ୍ତ ତାହାଙ୍କୁ ଦେଖା ଦିଅ ନାହିଁ । \v 4 ଆଉ, ସେ
ଯେତେବେଳେ ଶୟନ କରିବାକୁ ଯିବେ, ସେତେବେଳେ ସେ କେଉଁ ସ୍ଥାନରେ ଶୟନ କରିବାକୁ ଯାଉଛନ୍ତି ତାହା ଲକ୍ଷ କର,
ପୁଣି, ସେଠାକୁ ଯାଇ, ତାହାଙ୍କ ପାଦ ପାଖରେ ଶୟନ କର । ସେ ଉଠିବା ପରେ ତୁମକୁ କଅଣ କରିବାକୁ ହେବ ସେହି କଥା
ସେ କହିବେ ।
\p \v 5 ନୟମୀଙ୍କର କଥା ଶୁଣି ରୂତ କହିଲେ, ତୁମେ ଯେପରି କହିଲ, ମୁଁ ସେପରି କରିବି ।
\p \v 6 ପୁଣି, ରୂତ ସେହି ରାତ୍ରିରେ ବୋୟଜଙ୍କର ଶସ୍ୟ ଖଳାକୁ ଗଲେ ଓ ତାହାଙ୍କ ଶାଶୁ ଯେପରି କରିବାକୁ କହିଥିଲେ ସେ ସେହିପରି କଲେ ।
\p \v 7 ବୋୟଜ ଭୋଜନପାନ କରି ଖୁସି ମନରେ ଯାଇ ଶସ୍ୟ ରଖାଯାଇଥିବା ସ୍ଥାନର ଏକ କୋଣରେ ଶୟନ କଲେ । ଏହାପରେ ରୂତ ଅତି ଧିରେ ଯାଇ ବୋୟଜଙ୍କ ପାଦ ପାଖରେ ଶୟନ କଲେ ।
\p \v 8 ପ୍ରାୟ ମଧ୍ୟ ରାତ୍ରିରେ ବୋୟଜ ଉଠି ଦେଖିଲେ ଯେ, ତାହାଙ୍କ ପାଦ ପାଖରେ ଜଣେ ସ୍ତ୍ରୀଲୋକ ଶୟନ କରିଅଛି । ସେ ତାହାଙ୍କୁ ଦେଖି ଚମକି ପଡ଼ିଲେ, ଆଉ ସେହି ସ୍ତ୍ରୀଲୋକକୁ ପଚାରିଲେ, ତୁମେ କିଏ ?
\p \v 9 ତହିଁରେ ରୂତ ଉତ୍ତର ଦେଇ କହିଲେ, ମୁଁ ଆପଣଙ୍କର ଦାସୀ ରୂତ । ଏବେ ଆପଣ ଆପଣଙ୍କ ଲୁଗା ମୋ ଉପରେ ପକାଇ ଦିଅନ୍ତୁ ଓ ମୋ ମୃତ ସ୍ୱାମୀର ବଂଶ ରକ୍ଷା କରନ୍ତୁ, କାରଣ ଆପଣ ମୋ ମୃତ ସ୍ୱାମୀର ନିକଟ କୁଟୁମ୍ବ ଲୋକ ।

\p \v 10 ବୋୟଜ ରୂତଙ୍କୁ କହିଲେ, ହେ ମୋହର କନ୍ୟା, ତୁମକୁ ସଦାପ୍ରଭୁ ଆଶୀର୍ବାଦ କରନ୍ତୁ । ଯେହେତୁ, ତୁମେ ତୁମ ପରିବାର ପ୍ରତି ପ୍ରଥମେ ଯେତିକି ସାଧୁତା ଦେଖାଇଅଛ, ତାଠାରୁ ମଧ୍ୟ ଏବେ ଅଧିକ ସାଧୁତା ଦେଖାଉଅଛ । କାରଣ ତୁମେ ଧନୀ କିମ୍ବା ଗରୀବ ଅନ୍ୟ କୌଣସି ଯୁବାଲୋକ ପଛରେ ଗଲ ନାହିଁ, ମାତ୍ର ମୋ ନିକଟକୁ ଆସିଅଛ ।
\v 11 ହେ ମୋହର କନ୍ୟା, ଏବେ ତୁମେ ଆଉ ଭୟ କର ନାହିଁ, ତୁମେ ଯାହା କହିଲ, ତୁମ ପାଇଁ ଆବଶ୍ୟକ ସେସମସ୍ତ ବିଷୟ ମୁଁ କରିବି । କାରଣ, ତୁମେ ଯେ ଜଣେ ଗୁଣବତୀ ଓ ଉତ୍ତମ ଚରିତ୍ରର ମହିଳା ଅଟ, ଏହା ନଗରର ସମସ୍ତ ଲୋକ ଜାଣନ୍ତି ।
\v 12 ପୁଣି, ମୁଁ ତୁମ ମୃତ ସ୍ୱାମୀର ନିକଟ କୁଟୁମ୍ବ ଲୋକ ଅଟେ ଏହା ସତ୍ୟ, ମାତ୍ର, ମୋଠାରୁ ମଧ୍ୟ ଆଉ ଜଣେ ଅଧିକ ନିକଟ କୁଟୁମ୍ବ ଲୋକ ଅଛନ୍ତି ।
\v 13 ଆଜି ରାତିରେ ତୁମେ ଏଠାରେ ରୁହ, ଆଉ ଆସନ୍ତା କାଲି ସକାଳେ ମୁଁ ତୁମ ବିଷୟରେ ସେହି ବ୍ୟକ୍ତିଙ୍କ ସହିତ କଥା ହେବି । ଯଦି, ସେ ତୁମକୁ ବିବାହ କରିବାକୁ ଇଚ୍ଛା କରନ୍ତି, ତେବେ ଭଲ କଥା, ସେ ତୁମକୁ ବିବାହ କରନ୍ତୁ । କିନ୍ତୁ, ଯଦି ସେ ତୁମକୁ ବିବାହ କରିବାକୁ ଇଚ୍ଛା କରିବେ ନାହିଁ, ତେବେ ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ମୁଁ ତୁମକୁ କହୁଅଛି, ମୁଁ ତୁମକୁ ନିଶ୍ଚୟ ବିବାହ କରିବି । ଏବେ ତୁମେ ସକାଳ ପର୍ଯ୍ୟନ୍ତ ଏଠାରେ ଶୟନ କର ।
\p \v 14 ତହିଁରେ ରୂତ ସେଠାରେ ତାହାଙ୍କ ପାଦ ପାଖରେ ଶୟନ କଲେ ଓ ସମ୍ପୂର୍ଣ୍ଣ ସକାଳ ହେବା ପୂର୍ବରୁ ଉଠିଲେ । କାରଣ ସେପରି ଉଠିବାକୁ ବୋୟଜ ତାହାଙ୍କୁ କହିଥିଲେ । ଯେହେତୁ ବୋୟାଜ ଚାହୁଁଥିଲେ ଯେ, ଜଣେ ସ୍ତ୍ରୀଲୋକ ରାତିରେ ସେହି ଖଳାରେ ଶୋଇଥିଲା, ସେହି କଥା କେହି ମଧ୍ୟ ନ ଜାଣୁ ।
\p \v 15 ପୁଣି, ରୂତ ଉଠି ଯିବାକୁ ବାହାରିବା ବେଳେ, ବୋୟଜ ତାହାଙ୍କୁ କହିଲେ, ହେ ମୋହର କନ୍ୟା, ନିଅ, ତୁମ ଲୁଗାରେ ଏହା ଧର । ଏହା କହି ବୋୟଜ ତାହାକୁ ଛଅ ପାତ୍ର ଯବ ଦେଲେ, ପୁଣି, ରୂତ ତାହା ନେଇ ନିଜ ଶାଶୁଙ୍କ ପାଖକୁ ଚାଲିଗଲେ ।
\p \v 16 ଯେତେବେଳେ ରୂତ ନିଜ ଶାଶୁଙ୍କ ନିକଟକୁ ଫେରିଲେ, ତାହାର ଶାଶୁ ରୁତକୁ ପଚାରିଲେ, ହେ ମୋହର ଝିଅ, ମୋତେ କୁହ, ସେଠାରେ କଅଣ ସବୁ ଘଟିଲା ? ସେଥିରେ ବୋୟଜ ତାହାଙ୍କ ପ୍ରତି ଯେପରି ବ୍ୟବହାର କଲେ, ସେସମସ୍ତ କଥା ରୂତ ନିଜର ଶାଶୁ ନୟମୀଙ୍କୁ କହିଲେ ।
\p \v 17 ପୁଣି, ରୂତ ଆହୁରି କହିଲେ, ଆଉ ସେହି ବ୍ୟକ୍ତି ମୋତେ ଏହି ଛଅ ପାତ୍ର ଯବ ଦେଇ କହିଲେ, ତୁମେ ତୁମର ଶାଶୁଙ୍କ ନିକଟକୁ ଖାଲି ହାତରେ ଯାଅ ନାହିଁ ।
\p \v 18 ତହିଁରେ ରୂତକୁ ନୟମୀ କହିଲେ, ହେ ମୋହର ଝିଅ, ଏବେ କଅଣ ଘଟିବ ତାହା ଆମ୍ଭେମାନେ ଜାଣିବା ଯାଏଁ ତୁମେ ଧୈର୍ଯ୍ୟ ଧରି ରୁହ, କାରଣ ସେହି ବ୍ୟକ୍ତି ଯେପରି କହିଛନ୍ତି, ସେପରି ସେହି କାର୍ଯ୍ୟ ଶେଷ ନ କରିବା ଯାଏଁ ବିଶ୍ରାମ କରିବେ ନାହିଁ ।

**CHAPTER: 4**

\c 4

\ms ବୋୟଜ ରୂତକୁ ବିବାହ କଲେ

\p \v 1 ଏହାପରେ ବୋୟଜ ନଗରର ସଭା ବସିବା ସ୍ଥାନକୁ ଯାଇ ବସିଲେ ଓ ଏଲିମେଲକର ଯେଉଁ ନିକଟ କୁଟୁମ୍ବ ଲୋକ ବିଷୟରେ ସେ ରୂତଙ୍କୁ କହିଥିଲେ, ସେହି ବ୍ୟକ୍ତି ମଧ୍ୟ ସେହି ସ୍ଥାନକୁ ଆସିଲା । ତହିଁରେ ବୋୟଜ ତାହାଙ୍କୁ କହିଲେ, ହେ ବନ୍ଧୁ, ଏଠାକୁ ଆସି ବସ, କାରଣ ତୁମ ସହିତ ମୋର କିଛି କଥା ହେବାର ଅଛି । ତହିଁରେ ବୋୟଜ ଓ ସେହି ବ୍ୟକ୍ତି ସେଠାରେ ଏକତ୍ର ବସିଲେ ।
\p \v 2 ଆହୁରି ବୋୟଜ ନଗରର ଦଶ ଜଣ ମୁଖ୍ୟ ଲୋକଙ୍କୁ ଡାକି ସାକ୍ଷୀ ରୂପେ ସେଠାରେ ବସିବାକୁ ଅନୁରୋଧ କଲେ, ପୁଣି ସେମାନେ ମଧ୍ୟ ଆସି ସେଠାରେ ବସିଲେ ।
\p \v 3 ଏହା ପରେ ବୋୟଜ ଏଲିମେଲକର ସେହି ନିକଟ କୁଟୁମ୍ବ ବ୍ୟକ୍ତିକୁ କହିଲେ, ତୁମେ ମୋୟାବରୁ ଫେରି ଆସିଥିବା ନୟମୀକୁ ଜାଣ । ସେ ନିଜର ମୃତ ସ୍ୱାମୀ, ଆମ୍ଭର ନିକଟ କୁଟୁମ୍ବ ଏଲିମେଲକର ଜମି ବିକ୍ରି କରିବାକୁ ଇଚ୍ଛା କରୁଛି।
\v 4 ଏଣୁ, ମୁଁ ଏ ବିଷୟରେ ତୁମ ସହ କଥା ହେବାକୁ ଉଚିତ୍ ମନେକଲି । କାରଣ ତୁମେ ଚାହିଁଲେ ତାହାକୁ କ୍ରୟ କରି ମୁକ୍ତ କରି ପାର ।

ଯଦି ତୁମେ ସେହି ଜମି କ୍ରୟ କରିବାକୁ ଇଛାକର, ତେବେ ଏଠାରେ ଥିବା ସମସ୍ତ ସାକ୍ଷୀଙ୍କ ଉପସ୍ଥିତିରେ ତାହା କ୍ରୟକର । ଯଦି ତୁମେ କ୍ରୟ କରିବାକୁ ଚାହୁଁନାହିଁ, ତେବେ, ଏବେ ମୋତେ କୁହ । କାରଣ ତୁମ ଉତ୍ତାରେ ମୁଁ ହେଉଛି ସେହି ପରିବାରର ନିକଟ କୁଟୁମ୍ବ ଲୋକ, ପୁଣି ମୁଁ ତାହା କ୍ରୟ କରି ପାରିବି । ସେହି ବ୍ୟକ୍ତି ଉତ୍ତର ଦେଇ କହିଲା, ମୁଁ ସେହି ଜମି କ୍ରୟ କରିବି ।
\p \v 5 ତହିଁରେ ବୋୟଜ ସେହି ବ୍ୟକ୍ତିକୁ କହିଲେ, ଯଦି ତୁମେ ସେହି ଜମି ନୟମୀଠାରୁ କ୍ରୟ କରିବ, ତେବେ ପ୍ରକୃତରେ ନୟମୀର ପୁତ୍ର ବଧୂ, ମୋୟାବ ଦେଶୀୟା ରୂତଙ୍କଠାରୁ ହିଁ ତାହା କ୍ରୟ କରିବାକୁ ହେବ, ପୁଣି ତୁମକୁ ରୂତକୁ ମଧ୍ୟ ବିବାହ କରିବାକୁ ହେବ । ଯାହା ଫଳରେ, ସେ ଯେଉଁ ସନ୍ତାନକୁ ତୁମ ଦ୍ୱାରା ଜନ୍ମ କରିବ, ସେହି ସନ୍ତାନ ସେହି ଜମିର ଉତ୍ତରାଧିକାରୀ ହେବ ଓ ରୂତର ମୃତ ସ୍ୱାମିର ବଂଶକୁ ରକ୍ଷା କରିବ, ଏଣୁ ତାହାର ବଂଶର ନାମ ଲୋପ ହେବ ନାହିଁ ।
\p \v 6 ଏହା ଶୁଣି ସେହି ବ୍ୟକ୍ତି କହିଲା, ଏପରି ହେଲେ, ମୁଁ ନୟମୀର ସେହି ଜମି କ୍ରୟ କରି ପାରିବି ନାହିଁ । କାରଣ ଏହା କଲେ, ମୋହର ନିଜ ସନ୍ତାନମାନଙ୍କର କ୍ଷତି ହେବ । ତୁମେ ମୋ ବଦଳରେ ତାହା କ୍ରୟ କର, କାରଣ ମୁଁ ତାହା କ୍ରୟ କରି ପାରିବି ନାହିଁ ।
\p \v 7 ସେହି କାଳରେ ଇସ୍ରାଏଲ ଦେଶରେ ଏହି ନିୟମ ଥିଲା ଯେ, କେହି ଯଦି ନିଜ ନିକଟ କୁଟୁମ୍ବ ଲୋକର ଜମି ନିଜେ କ୍ରୟ ନ କରି, ସେହି ଜମି କ୍ରୟ କରିବାର ଅଧିକାର ଅନ୍ୟ ବ୍ୟକ୍ତିକୁ ଦେବାକୁ ଚାହୁଁଥିଲା, ତେବେ ସେ ନିଜ ପାଦରୁ ଜୋତା ବାହାର କରି ସେହି ଜମି କିଣିବାକୁ ଇଛା କରୁଥିବା ବ୍ୟକ୍ତିଙ୍କୁ ତାହା ଦେଉଥିଲା । ଆଉ ଏହା ଇସ୍ରାଏଲୀୟମାନଙ୍କ ମଧ୍ୟରେ ସାକ୍ଷୀ ସ୍ୱରୂପେ ହେଉଥିଲା ।
\p \v 8 ଏହା ପରେ ଏଲିମେଲକର ନିକଟ କୁଟୁମ୍ବଲୋକ ନିଜ ପାଦରୁ ଜୋତା ବାହାର କରି ତାହା ବୋୟଜଙ୍କୁ ଦେଇ କହିଲା, ନିଅ, ଏଲିମେଲକର ସେହି ଜମି କିଣିବାର ଅଧିକାର ମୁଁ ତୁମକୁ ଦେଉଅଛି ।
\p \v 9 ତହିଁରେ ବୋୟଜ ସେଠାରେ ଉପସ୍ଥିତ ଥିବା ମୁଖ୍ୟମାନଙ୍କୁ ଓ ସମସ୍ତ ଲୋକଙ୍କୁ କହିଲେ, ଆଜି ମୁଁ ନୟମୀଠାରୁ ଏଲିମେଲକ ତଥା ତାହାର ଦୁଇ ପୁତ୍ର କିଲିୟୋନ ଏବଂ ମହଲୋନର ଭୂମି ଓ ଅନ୍ୟ ଯାହା ଯାହା ଅଛି, ସେସମସ୍ତ କ୍ରୟ କଲି । ଏବିଷୟରେ ଆପଣମାନେ ସମସ୍ତେ ଆଜି ସାକ୍ଷୀ ଅଟନ୍ତି । \v 10 ଏହି ଜମି ସହିତ ମହଲୋନଙ୍କ ବିଧବା ସ୍ତ୍ରୀ, ମୋୟାବ ଦେଶୀୟା ରୂତଙ୍କୁ ମଧ୍ୟ ମୁଁ ମୋହର ନିଜର ଭାର୍ଯ୍ୟା ରୂପେ ଗ୍ରହଣ କରୁଅଛି । ଏହା ଦ୍ୱାରା ସେ ନିଜର ମୃତ ସ୍ୱାମୀର ନାମ ଲୋପ ନ ହୋଇ ରକ୍ଷା ପାଇବାକୁ ଓ ତାହାର ସମ୍ପତ୍ତିର ଉତ୍ତରାଧିକାରୀ ହେବାକୁ ମୋ ଦ୍ୱାରା ସନ୍ତାନ ଜନ୍ମ କରି ପାରିବ । ଆପଣମାନେ ସମସ୍ତେ ଏ ସମସ୍ତର ସାକ୍ଷୀ ଅଟନ୍ତି ।
\p \v 11 ତହିଁରେ ସେଠାରେ ଥିବା ମୁଖ୍ୟମାନେ ଓ ସମସ୍ତ ଲୋକ କହିଲେ, ଆମ୍ଭେମାନେ ଆଜି ଏ ସମସ୍ତର ସାକ୍ଷୀ ହେଲୁ । ଆପଣ ନିଜର ଭାର୍ଯ୍ୟା ରୂପେ ଗ୍ରହଣ କରୁଥିବା ଏହି ସ୍ତ୍ରୀଲୋକକୁ ଈଶ୍ୱର ଆମ୍ଭମାନଙ୍କର ପିତୃପୁରୁଷ, ଯାକୁବର ଭାର୍ଯ୍ୟାଗଣ, ଲେୟା ଓ ରାହେଲ ପରି ଆଶିର୍ବାଦ କରନ୍ତୁ, ଯେଉଁମାନଙ୍କ ଦ୍ୱାରା ଇସ୍ରାଏଲ ଜାତି ଜାତ ହେଲା । ଆପଣ ଏଫ୍ରାଥାରେ ସମୃଦ୍ଧିଶାଳୀ ହୁଅନ୍ତୁ ଓ ବେଥଲିହିମରେ ଆପଣଙ୍କର ସୁଖ୍ୟାତି ହେଉ । \v 12 ପୁଣି ସଦାପ୍ରଭୁ ଏହି ସ୍ତ୍ରୀଙ୍କଠାରୁ ଆପଣଙ୍କ ନିମନ୍ତେ ବହୁ ବଂଶ ଉତ୍ପନ କରନ୍ତୁ, ଯିଏ ତାମର ଓ ଯିହୁଦାଙ୍କଠାରୁ ଜାତ ଆମ୍ଭମାନଙ୍କର ପିତୃପୁରୁଷ ଫେରସଙ୍କ ପରି ହେବ ।
\ms ବୋୟଜର ବଂଶାବଳୀ
\p \v 13 ଏହି ରୂପେ ବୋୟଜ ରୂତକୁ ବିବାହ କରି ଆପଣା ଗୃହକୁ ନେଇଗଲେ । ପୁଣି ବୋୟଜ ରୂତର ସହବାସ କରନ୍ତେ, ସଦାପ୍ରଭୁ ରୂତକୁ ଗର୍ଭଧାରଣ ଶକ୍ତି ପ୍ରଦାନ କଲେ ଓ ସେ ଏକ ପୁତ୍ର ପ୍ରସବ କଲା।
\p \v 14 ତହିଁରେ ସେହି ନଗରର ସ୍ତ୍ରୀଲୋକମାନେ ନୟମୀକୁ କହିଲେ, ସଦାପ୍ରଭୁଙ୍କର ନାମ ଧନ୍ୟ ହେଉ, ଯିଏ ତୁମକୁ ଏକ ପୁତ୍ର ଦେଇଛନ୍ତି । ଯେଉଁ ପୁତ୍ର ତୁମ ପରିବାରର ବଂଶ ରକ୍ଷାକାରୀ ହେବ । ଏହି ସନ୍ତାନ ଇସ୍ରାଏଲ ମଧ୍ୟରେ ବିଖ୍ୟାତ ହେଉ ।
\v 15 ତାହାଙ୍କ ଯୋଗୁଁ ତୁମର ଯୁବାବସ୍ଥାର ବଳ ଓ ଆନନ୍ଦ ଫେରିଆସୁ ଓ ସେ ତୁମ୍ଭର ବୃଦ୍ଧାବସ୍ଥାରେ ତୁମ୍ଭର ପ୍ରତିପାଳକ ହେଉ । କାରଣ ଏହି ବାଳକ ତୁମ ପୁତ୍ର ବଧୂର ସନ୍ତାନ, ଯେଉଁ ପୁତ୍ରବଧୂ ତୁମକୁ ଅତ୍ୟନ୍ତ ଭଲ ପାଏ ଓ ସାତ ପୁତ୍ରଠାରୁ ମଧ୍ୟ ଅତି ଉତ୍ତମ ଅଟେ ।
\p \v 16 ଆଉ ନୟମୀ ସେହି ଶିଶୁକୁ ନିଜ କୋଳରେ ଧରିଲେ ଓ ନିଜର ପୁତ୍ର ତୁଲ୍ୟ ତାହାକୁ ଲାଳନପାଳନ କଲେ ।

\p \v 17 ଏହା ଦେଖି ନୟମୀର ପୋଡ଼ଶୀ ସ୍ତ୍ରୀଲୋକମାନେ କହିଲେ, ପରିଶେଷରେ ନୟମୀ ପୁନର୍ବାର ଏକ ପୁତ୍ର ଲାଭ କଲା
। ପୁଣି ସେମାନେ ସେହି ପୁତ୍ରର ନାମ ଓବେଦ୍ ରଖିଲେ । ଏହି ଓବେଦ୍‌ଙ୍କଠାରୁ ଯିଶି ଜନ୍ମ ହେଲେ ଓ ଯିଶିଙ୍କଠାରୁ ଦାଉଦ ଜନ୍ମ
ହେଲେ ।

\p \v 18 ଫେରସଙ୍କ ବଂଶାବଳୀ ଏହି: ଫେରସଙ୍କ ପୁତ୍ର ହିଷ୍ରୋଣ,

\p \v 19 ହିଷ୍ରୋଣଙ୍କ ପୁତ୍ର ଅରାମ ଓ ଅରାମଙ୍କ ପୁତ୍ର ଅମିନାଦବ;

\p \v 20 ଅମିନାଦବଙ୍କ ପୁତ୍ର ନହଶୋନ୍ ଓ ନହଶୋନ୍‌ଙ୍କ ପୁତ୍ର ଶଲମନ;

\p \v 21 ଶଲମନଙ୍କଙ୍କ ପୁତ୍ର ବୋୟଜ ଓ ବୋୟଜଙ୍କ ପୁତ୍ର ଓବେଦ୍, ଓବେଦଙ୍କ ପୁତ୍ର ଯିଶି ଓ ଯିଶିଙ୍କ ପୁତ୍ର ଦାଉଦ ।